# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**22nd August – 2025**

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତା ତିନିବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ; କହିଲେ ମୁଖ୍ୟମନ୍ତ୍ରୀ ।

— କଟକ କମଳାକାନ୍ତ ବିଦ୍ୟାପୀଠର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦାନ ।

— ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟର କଲେ ଭିତ୍ତିପ୍ରସ୍ତର ସ୍ଥାପନ ।

- ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

— ନିମ୍ନମାନର କାମ କରୁଥିବା ଠିକାଦାର ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ।

- ଅଗ୍ନିଶମ ବିଭାଗରେ ସାମିଲ୍ ହେବେ ଅଗ୍ନିଯୋଦ୍ଧା ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତା ମାସ ୧୫ ତାରିଖରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ।

*Cuttack/R*

# ଜିଲ୍ଲାପାଳ କାର୍ଯ୍ୟାଳୟ

ରାଜ୍ୟରେ ଆଗାମୀ ୩ ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  କହିଛନ୍ତି । କଟକସ୍ଥିତ କମଳାକାନ୍ତ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିକ୍ଷାର କୌଣସି ବିକଳ୍ପ ନାହିଁ । ଉପାନ୍ତ ଅଞ୍ଚଳରେ ଅଧିକ ଶିକ୍ଷକ ନିଯୁକ୍ତିପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଆଗାମୀ ଦିନରେ ନବମ, ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ଶ୍ରୀ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ବିକାଶପାଇଁ ବିଭିନ୍ନ ଘୋଷଣା କରିଛନ୍ତି । ଏଥିରେ ବିଦ୍ୟାଳୟ ପରିସରରେ ମିନିଷ୍ଟାଡିୟମ୍, ସ୍ମାର୍ଟ କ୍ଲାସ୍‌ରୁମ୍ ନିର୍ମାଣ କରାଯିବ । ଏହାସହ ବିଦ୍ୟାଳୟକୁ ପି.ଏମ୍.ଶ୍ରୀ ବିଦ୍ୟାଳୟରେ ସାମିଲ୍ କରାଯିବ । ମୁଖ୍ୟମନ୍ତ୍ରୀ ଡାଏମଣ୍ଡ ଜୁବିଲି ହଲ୍‌ପାଇଁ ମଧ୍ୟ ୧ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି ।

ପୂର୍ବରୁ ମୁଖ୍ୟମନ୍ତ୍ରୀ କଟକ ସହରରେ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପ୍ରସ୍ତାବିତ ନୂତନ କାର୍ଯ୍ୟାଳୟ ବିଡ଼ାନାସୀ ମୌଜାରେ ସ୍ଥାପନ କରାଯାଉଛି । ୫ ମହଲା ବିଶିଷ୍ଟ ଏହି କୋଠାପାଇଁ ୯୪ କୋଟି ୪୬ ଲକ୍ଷ ୪୪ ହଜାର ଟଙ୍କା ଖର୍ଚ୍ଚ ହେବ । ଅତ୍ୟାଧୁନିକ ଭିତ୍ତିଭୂମି

ସହ ନିର୍ମାଣ ହେବାକୁ ଥିବା ନୂତନ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ଆଗାମୀ ଅଢ଼େଇବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

***BBSR/R***

## ମୁଖ୍ୟମନ୍ତ୍ରୀ - ସେତୁ ନିର୍ମାଣ

ରାଜ୍ୟରେ ଆସନ୍ତା ୫ ବର୍ଷ ମଧ୍ୟରେ ୩୦ ହଜାର କିଲୋମିଟର ରାସ୍ତା ଏବଂ ୫ ଶହ ସେତୁ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ସଡ଼କ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ରାସ୍ତା ଓ ସେତୁଗୁଡ଼ିକର ଗୁଣବତ୍ତା ଏବଂ ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ନିମ୍ନମାନର କାମ କରୁଥିବା ଠିକାଦାର ଏବଂ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ମାଝୀ କହିଛନ୍ତି । ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଠିକାଦାରମାନଙ୍କ ଦକ୍ଷତା ବୃଦ୍ଧିପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରି ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଥିବା ବୈଠକରୁ ଜଣାପଡ଼ିଛି । ୧୦୦ରୁ ଅଧିକ ଆଦିମ ଜନଜାତି ବର୍ଗର ଜନବସତିଗୁଡ଼ିକର

ସଂଯୋଗୀକରଣପାଇଁ ପି.ଏମ୍. ଜନଧନ ଯୋଜନାରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣପାଇଁ ମଞ୍ଜୁରି ପ୍ରଦାନ କରାଯାଇଛି ।

***BBSR/R***

## ମେଡିଏସନ୍ ସମ୍ମିଳନୀ

ଭୁବନେଶ୍ୱରରେ ଆସନ୍ତାମାସ ୨୮ ତାରିଖରେ ଦ୍ୱିତୀୟ ମେଡିଏସନ୍ ସମ୍ମିଳନୀ ଆୟୋଜନ କରାଯିବ । ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ପ୍ରଥମ ମେଡିଏସନ୍ ସମ୍ମିଳନୀ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀପାଇଁ ସଚିବସ୍ତରୀୟ ବୈଠକ ହୋଇଛି । କାର୍ଯ୍ୟକ୍ରମରେ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତି ଉପସ୍ଥିତ ରହିବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

***BBSR/R***

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୫ ତାରିଖ ସୋମବାର ଦିନ ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

***Desk***

# ଅଗ୍ନିଶମ

ଅଗ୍ନିଯୋଦ୍ଧାମାନେ ଅଗ୍ନିଶମ ବିଭାଗରେ ଯୋଗଦେବେ ବୋଲି ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୀ ଷଡ଼ଙ୍ଗୀ କହିଛନ୍ତି । ଅଗ୍ନିଯୋଦ୍ଧାମାନେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଦୁର୍ଘଟଣା ସମୟରେ ଧନଜୀବନ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି । ଅଗ୍ନିଯୋଦ୍ଧାମାନେ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରଶିକ୍ଷିତ ହୋଇଛନ୍ତି ଏବଂ ସେମାନେ ବିଭାଗରେ ଯୋଗଦେଲେ କାର୍ଯ୍ୟରେ ବ୍ୟାପକ ସୁଧାର ଆସିବା ସହ ତ୍ୱରିତ ପଦକ୍ଷେପ ଗ୍ରହଣରେ ସହାୟକ ହୋଇପାରିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ।

***Voice (Sudhansu Sarangi)* :..........**

***Puri/R***

# ଧାଡ଼ି ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ସେପ୍ଟେମ୍ବର ମାସ ୧୫ ତାରିଖରୁ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଧାଡ଼ି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଭିଡ

ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ସୁଗମ ଦର୍ଶନରେ ଧାଡ଼ି ବ୍ୟବସ୍ଥା ସହାୟକ ହେବ। ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ପରିଚାଳନା କମିଟି ଗଠନ କରାଯିବା ସହ ହୁଣ୍ଡି ସ୍ଥାନାନ୍ତରଣ ପରେ ଧାଡ଼ି ଦର୍ଶନ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପ୍ରାଥମିକ ସ୍ତରରେ ଆନନ୍ଦବଜାରରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଛି । ଜନ ସଚେତନତା ସୃଷ୍ଟି କରିବାପାଇଁ ସାଇନ୍ ବୋର୍ଡ଼ ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି ।

***Puri/R***

## ସପ୍ତପୁରୀ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ସପ୍ତପୁରୀ ଅମାବାସ୍ୟା ନୀତି ଅନୁଷ୍ଠିତ ହେବ । ଏହି ବିଶେଷ ନୀତିପାଇଁ ଆଜିଠାରୁ କୁମ୍ଭାରପଡ଼ା ନିକଟରେ ଥିବା ମା' ଆଲାମଚଣ୍ଡୀ ମନ୍ଦିରରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଚାରିଗୋଟି ମାଟିର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଯାଇଛି । ଏହି ତାଡ଼କୁ ଶ୍ରୀମନ୍ଦିର ରୋଷଘର ନିକଟ ବେହରଣ ଦ୍ୱାର ପାଖରେ ଅଚିନ୍ତା ମଣ୍ଡପଠାରେ ରଖାଯାଇଛି । ଆଜି ସନ୍ଧ୍ୟାଧୂପ ନୀତି ଶେଷ ହେବା ପରେ ଶ୍ରୀମନ୍ଦିରରେ ମା' ଦକ୍ଷିଣକାଳୀ ମନ୍ଦିରକୁ ଆଜ୍ଞାମାଳ ବିଜେ କରାଯିବ । ଲୋକକଥା ଅନୁସାରେ ଆସନ୍ତାକାଲି ମା'

ଦକ୍ଷିଣକାଳୀ ମହାପ୍ରଭୁଙ୍କ ପାଇଁ ସାତ ପ୍ରକାର ପୁରରେ ପିଠା ପ୍ରସ୍ତୁତ କରିବେ । ଏହି ପିଠା ସ୍ୱତନ୍ତ୍ର ଭାବେ ଆସିଥିବା ମାଟିର ତାଡ଼ରେ ଆସନ୍ତାକାଲି ସକାଳ ଧୂପ ଭୋଗରେ ଲାଗି କରାଯିବାର ପରମ୍ପରା ରହିଛି ।

***Desk, Nuapada/R***

## ଅନ୍‌ଲାଇନ୍ ଗେମିଂ

ଅନ୍‌ଲାଇନ୍ ଗେମିଂ ପ୍ରସାର ଓ ନିୟନ୍ତ୍ରଣ ବିଧେୟକ ୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ଇ-କ୍ରୀଡ଼ା ଏବଂ ଅନଲାଇନ ଖେଳକୁ ପ୍ରୋତ୍ସାହିତ କରିବା ସହିତ ସାଧାରଣ ଜନତାଙ୍କୁ ବେଆଇନ ଅର୍ଥ କାରବାରରୁ ସୁରକ୍ଷା ଦେବା ପାଇଁ ଏହି ବିଧେୟକ ଉପଯୋଗୀ ହୋଇପାରିବ । କେନ୍ଦ୍ର କ୍ୟାବିନେଟ୍‌ର ଏହି ନିଷ୍ପତ୍ତିକୁ ନୂଆପଡ଼ା ଜିଲ୍ଲାରେ ସ୍ୱାଗତ କରାଯାଇଛି । ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲା ସମାଜସେବୀ ଅଜିତ୍ କୁମାର ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

***Voice (Ajit Panda)*** :.....

***HS***

## କୁକୁର ଗଣନା

ରାଜଧାନୀ ଭୁବନେଶ୍ୱରରେ କୁକୁର ଗଣନା ହେବ ବୋଲି ଭୁବନେଶ୍ୱର ମହାନଗର ନିଗମର ମେୟର୍ ସୁଲୋଚନା ଦାସ କହିଛନ୍ତି । ଉଭୟ ବୁଲା ଓ

ପୋଷା କୁକୁର ଗଣନା କରାଯିବା ସହ କାନରେ ଟ୍ୟାଗ୍ ଲଗାଯିବ । ବନ୍ଧ୍ୟାକରଣ ଏବଂ ଟିକାକରଣ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ବି.ଏମ୍.ସି. ପାଖରେ ରହିବ ବୋଲି ମେୟର୍ ଶ୍ରୀମତୀ ଦାସ ସୂଚନା ଦେଇଛନ୍ତି ।

***Nayagarh/R***

## ସମୀକ୍ଷା ବୈଠକ

ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ହାରକୁ ହ୍ରାସ କରିବାପାଇଁ ଆଶା ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିୟମିତ ତାଲିମ ଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

***Gajapati/R***

## ଆଦି କର୍ମଯୋଗୀ ଅଭିଯାନ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ଆଦି କର୍ମଯୋଗୀ ଅଭିଯାନ' ଉପଲକ୍ଷେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ

ଫାଲ୍‌ଗୁନୀ ମାଝୀ ଯୋଗଦେଇ ଜିଲ୍ଲାର ଆଦିବାସୀବହୁଳ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆଦିବାସୀ ସମାଜର ଉନ୍ନତିପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

***Nayagarh/R***

## କର୍ମଶାଳା

ନୟାଗଡ଼ ଜିଲ୍ଲା ସୃଜନ ସମ୍ମିଳନୀ କକ୍ଷରେ ଦଶମ ଏବଂ ଯୁକ୍ତ ଦୁଇ ପାସ୍ କରିଥିବା ପିତୃମାତୃହୀନ ଏବଂ ଏକକ ଅଭିଭାବକ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ବୃତ୍ତିଗତ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି । କର୍ମଶାଳାରେ ବିଭିନ୍ନ ବ୍ଲକ୍ ଓ ସଦର ମହକୁମାରୁ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

***Desk***

## ପାଣିପାଗ

ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ସୋମବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ

ଥିବାରୁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ  ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******